ବାଣିଜ୍ୟ କର ଆୟୁକ୍ତ

ଆନ୍ଧ୍ର ପ୍ରଦେଶ, ହାଇଦ୍ରାବାଦ ଏବଂ ଅନ୍ୟଜଣେ

ବନାମ

ଜି. ସେଥୁମାଧବ ରାଓ ଏବଂ ଅନ୍ୟମାନେ

ଜାନୁଆରୀ 17, 1996

[କେ. ରାମାସ୍ୱାମୀ, ବି.ଏଲ. ହଂସାରିୟା ଏବଂ ଏସ୍.ବି. ମଜମୁଦାର, ନ୍ୟାୟମୂର୍ତ୍ତିବୃନ୍ଦ]

*ସେବା ଆଇନ :*

*ଏ.ପି. ରାଜ୍ୟ ଏବଂ ଅଧସ୍ତନ ସେବା ନିୟମାବଳୀ/ଏ.ପି. ବାଣିଜ୍ୟିକ ଟିକସ ଅଧସ୍ତନ ସେବା ନିୟମାବଳୀ:*

*ନିୟମ 22/5 -ଏସସି/ଏସଟିଙ୍କ ପାଇଁ ସଂରକ୍ଷଣ -ସଂରକ୍ଷଣର ପଦୋନ୍ନତି ନିୟମ -କେବଳ ପ୍ରାରମ୍ଭିକ ନିଯୁକ୍ତି ପାଇଁ ପ୍ରଯୁଜ୍ୟ ନୁହେଁ- ପଦୋନ୍ନତି କ୍ଷେତ୍ରରେ ମଧ୍ୟ ଯେଉଁଠାରେ ରାଜ୍ୟର ମତ ହେଉଛି ଯେ ରାଜ୍ୟ ଅଧୀନରେ ଥିବା ସେବା ବର୍ଗ କିମ୍ବା ବର୍ଗ ଗୁଡିକରେ ପଦୋନ୍ନତି ପଦବୀରେ ଏସସି/ ଏସଟି ପର୍ଯ୍ୟାପ୍ତ ପ୍ରତିନିଧିତ୍ୱ କରନ୍ତି ନାହିଁ ।*

*ଭାରତର ସମ୍ବିଧାନ, 1950:*

*ଅନୁଚ୍ଛେଦ 14, 16 (1) ଏବଂ 16(4) - ଏସସି/ଏସଟି - ସଂରକ୍ଷଣ ନିୟମ - ପଦୋନ୍ନତି କ୍ଷେତ୍ରରେ ମଧ୍ୟ ସଂରକ୍ଷଣ ଅନ୍ତର୍ଭୁକ୍ତ ।*

*ଜେନେରାଲ ମ୍ୟାନେଜର, ଦକ୍ଷିଣ ରେଳବାଇ ବନାମ ରଙ୍ଗଚାରୀ,* **[1962] 2 SCR ପୃଷ୍ଠା.586;** *କେରଳ ରାଜ୍ୟ ବନାମ ଏନ୍.ଏମ୍. ଥୋମାସ୍ ଏବଂ ଅନ୍ୟମାନେ,* **[1976] 1 SCR ପୃଷ୍ଠା.906;** *ଅଖିଳ ଭାରତୀୟ ଶୋଷିତ କର୍ମଚାରୀ ସଂଘ (ରେଳବାଇ) ବନାମ ଭାରତ ସଂଘ ଏବଂ ଅନ୍ୟମାନେ,* **[1981] 1 SCC 246 ଏବଂ** *ଇନ୍ଦିରା ସାହନୀ ଏବଂ ଅନ୍ୟମାନେ ବନାମ ଭାରତ ସଂଘ ଏବଂ ଅନ୍ୟମାନେ,* **[1992] Supp.3 SCR 217, ନିର୍ଭରଶୀଳତା ରଖାଗଲା ।**

ଦେୱାନୀ ଅପିଲିୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 2523/1996 ।

ଓ.ଏ. ସଂଖ୍ୟା 5158/1992ରେ ଆନ୍ଧ୍ର ପ୍ରଦେଶ ପ୍ରଶାସନିକ ନ୍ୟାୟାଧିକରଣର 2.12.92 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ କେ. ରାମ କୁମାର ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଯଦିଓ ଉତ୍ତରଦାତାମାନଙ୍କୁ ନୋଟିସ୍ ଦିଆଯାଇଛି, ସେମାନେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲଙ୍କ ଜରିଆରେ ହାଜର ହେଉନାହାନ୍ତି ।

ଆମେ ଅପିଲକାରୀମାନଙ୍କ ଓକିଲ ଶ୍ରୀ ରାମ କୁମାରଙ୍କୁ ଶୁଣିଛୁ ।

ବିଶେଷ ଅନୁମତି ଦ୍ୱାରା ଏହି ଅପିଲ, O. A. ସଂଖ୍ୟା 5158/92 ରେ ଆନ୍ଧ୍ରପ୍ରଦେଶର ପ୍ରଶାସନିକ ନ୍ୟାୟାଧିକରଣଙ୍କ ଦ୍ୱାରା ପାରିତ 2 ଡିସେମ୍ବର, 1992 ତାରିଖର ଆଦେଶରୁ ଉତ୍ପନ୍ନ ହୋଇଛି । ନ୍ୟାୟାଧିକରଣ ଏହି ଆକ୍ଷେପିତ ଆଦେଶରେ କହିଛନ୍ତି ଯେ ଯଦିଓ ସହକାରୀ ବାଣିଜ୍ୟିକ ଟିକସ ଅଧିକାରୀ ଇତ୍ୟାଦି ପଦବୀଗୁଡ଼ିକ ଜାନୁଆରୀ 30, 1962 ତାରିଖର G.O. Ms. No. 107 ଏବଂ ଫେବୃଆରୀ 3, 1990 ତାରିଖର G.O. Ms. No. 81-ରାଜସ୍ୱରେ ଜାରି ସମ୍ବିଧାନର ଅନୁଚ୍ଛେଦ 309 ର ବ୍ୟବସ୍ଥା ଅନୁଯାୟୀ ପ୍ରସ୍ତୁତ ନିୟମ ଦ୍ୱାରା ପରିଚାଳିତ, ତଥାପି A.P. ରାଜ୍ୟ ଏବଂ ଅଧସ୍ତନ ସେବା ନିୟମାବଳୀର ନିୟମ 22 ସ୍ଥାନାନ୍ତର ଏବଂ ପଦୋନ୍ନତି ଦ୍ୱାରା ନିଯୁକ୍ତି ପାଇଁ ପ୍ରଯୁଜ୍ୟ ନୁହେଁ । ଫଳସ୍ୱରୂପ ଉପରୋକ୍ତ ସେବାଗୁଡ଼ିକରେ ଏହି ନିୟମ ଲାଗୁ କରିବାରେ ସରକାର ନ୍ୟାୟସଙ୍ଗତ ନଥିଲେ । ଏହି କ୍ଷେତ୍ରକୁ ଧାରଣ କରୁଥିବା ସ୍ୱତନ୍ତ୍ର ନିୟମାବଳୀକୁ ଦୃଷ୍ଟିରେ ରଖି ନ୍ୟାୟାଧିକରଣଙ୍କ ଦ୍ୱାରା ନିଆଯାଇଥିବା ମତ ସଠିକ୍ ନୁହେଁ ।

ଆନ୍ଧ୍ର ପ୍ରଦେଶ ବାଣିଜ୍ୟିକ ଟିକସ ଅଧସ୍ତନ ସେବା ନିୟମାବଳୀ (ସ୍ୱତନ୍ତ୍ର ନିୟମାବଳୀ) ର ନିୟମ 5 ଏହିପରି:

> "ବିଶେଷ ପ୍ରତିନିଧିତ୍ୱ: ଶାରୀରିକ ବିକଳାଙ୍ଗ ବ୍ୟକ୍ତିମାନଙ୍କ ବ୍ୟତୀତ ସ୍ୱତନ୍ତ୍ର ପ୍ରତିନିଧିତ୍ୱର ନିୟମ (ସାଧାରଣ ନିୟମ 22) ସିଧାସଳଖ ନିଯୁକ୍ତି ଦ୍ୱାରା ବାଣିଜ୍ୟିକ ଟିକସ ଅଧିକାରୀଙ୍କ ନିଯୁକ୍ତି ଏବଂ ସ୍ଥାନାନ୍ତର ଦ୍ୱାରା ସେମାନଙ୍କ ନିଯୁକ୍ତି ପାଇଁ ପୃଥକ ଭାବରେ ଲାଗୁ ହେବ ।"

ରାଜ୍ୟ ଏବଂ ଅଧସ୍ତନ ସେବା ନିୟମାବଳୀର ନିୟମ 22, ଯାହା ହେଉଛି ସାଧାରଣ ନିୟମ, ଯାହା କେବଳ ଏହି ମାମଲାର ଉଦ୍ଦେଶ୍ୟ ପାଇଁ ପ୍ରାସଙ୍ଗିକ, ତାହା ଏହିପରି:

> "22.ବିଶେଷ ପ୍ରତିନିଧିତ୍ୱ: କୌଣସି ସେବା, ଶ୍ରେଣୀ କିମ୍ବା ବର୍ଗରେ ସମସ୍ତ ନିଯୁକ୍ତି -

(i) ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା, ଯେଉଁ କ୍ଷେତ୍ରରେ ସରକାର ଏକ ସାଧାରଣ କିମ୍ବା ସ୍ୱତନ୍ତ୍ର ଆଦେଶ ଦ୍ୱାରା ଏହି ଉଦ୍ଦେଶ୍ୟରେ ଏପରି ସେବା, ଶ୍ରେଣୀ କିମ୍ବା ବର୍ଗ ବ୍ୟତୀତ;

(ii) ପ୍ରତ୍ୟକ୍ଷ ନିଯୁକ୍ତି ବ୍ୟତୀତ ଅନ୍ୟଥା, ଯେଉଁଠାରେ ସ୍ୱତନ୍ତ୍ର ନିୟମ ଧାର୍ଯ୍ୟ କରେ ଯେ ନିଯୁକ୍ତିର ସଂରକ୍ଷଣ ନୀତି ଏହିପରି ସେବା, ବର୍ଗ କିମ୍ବା ବର୍ଗ ପାଇଁ ପ୍ରଯୁଜ୍ୟ ହେବ; ନିମ୍ନଲିଖିତ ଆଧାରରେ କରାଯିବ;

"ଆହୁରି ମଧ୍, ଯଦି ସମ୍ପୃକ୍ତ ବର୍ଗ କିମ୍ବା କ୍ୟାଡରର ମୋଟ ସଂଖ୍ୟାରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର ସାମଗ୍ରିକ ପ୍ରତିନିଧିତ୍ୱ ଯଥାକ୍ରମେ ଅନୁସୂଚିତ ଜାତି ପାଇଁ (15 ପ୍ରତିଶତ) ଏବଂ ଅନୁସୂଚିତ ଜନଜାତି ପାଇଁ (6 ପ୍ରତିଶତ) ସଂରକ୍ଷଣର ନିର୍ଦ୍ଧାରିତ ପ୍ରତିଶତରେ ପହଞ୍ଚି ନଥାଏ, ତେବେ ସେହି ବର୍ଷ ପୂରଣ ହୋଇଥିବା ଖାଲି ସ୍ଥାନଗୁଡିକର ମୋଟ ସଂଖ୍ୟା (52 ପ୍ରତିଶତ) ରୁ ଅଧିକ ଥିଲେ ମଧ୍ ନିଯୁକ୍ତି ବର୍ଷରେ ପଛୁଆ ସଂରକ୍ଷିତ ଖାଲି ପଦବୀ ଏବଂ ବର୍ତ୍ତମାନର ସଂରକ୍ଷିତ ପଦବୀଗୁଡ଼ିକ ଉପଯୋଗ ପାଇଁ ଉପଲବ୍ଧ ହେବ ।"

ସ୍ୱତନ୍ତ୍ର ନିୟମାବଳୀର ନିୟମ 5ରେ ଉପରୋକ୍ତ ସେବାରେ ନିଯୁକ୍ତି ପାଇଁ ରାଜ୍ୟ ଏବଂ ଅଧସ୍ତନ ସେବା ନିୟମାବଳୀ (ସାଧାରଣ ନିୟମାବଳୀ)ର ନିୟମ 22 ଲାଗୁ ହେବାର ପରିକଳ୍ପନା କରାଯାଇଛି । ପୂର୍ବରୁ ଏଠାରେ ଉଦ୍ଧୃତ ହୋଇଥିବା ନିୟମ 22ର ପ୍ରାସଙ୍ଗିକ ବ୍ୟବସ୍ଥା ଅନୁଯାୟୀ ଯଦିଓ ସମ୍ପୃକ୍ତ ବର୍ଗ କିମ୍ବା କ୍ୟାଡରର ମୋଟ ସଂଖ୍ୟାରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର ସାମଗ୍ରିକ ପ୍ରତିନିଧିତ୍ୱ ନିର୍ଦ୍ଧାରିତ ସଂରକ୍ଷଣ ପ୍ରତିଶତ 15 ପ୍ରତିଶତ (ପରବର୍ତ୍ତୀ ସମୟରେ 16 ପ୍ରତିଶତକୁ ବୃଦ୍ଧି) ଏବଂ ଅନୁସୂଚିତ ଜନଜାତି ପାଇଁ 6 ପ୍ରତିଶତ (ପରବର୍ତ୍ତୀ ସମୟରେ 7 ପ୍ରତିଶତକୁ ବୃଦ୍ଧି) ରେ ପହଞ୍ଚି ନଥାଏ, ତେବେ ସେହି ବର୍ଷ ପୂରଣ ହୋଇଥିବା ଖାଲି ସ୍ଥାନର ମୋଟ ସଂଖ୍ୟାର 52 ପ୍ରତିଶତରୁ ଅଧିକ ହେଲେ ମଧ୍ ନିଯୁକ୍ତି ବର୍ଷରେ ଆଗକୁ ବଢୁଥିବା ଖାଲି ସ୍ଥାନ ଏବଂ ବର୍ତ୍ତମାନର ସଂରକ୍ଷିତ ପଦବୀଗୁଡ଼ିକ ଉପଯୋଗ ପାଇଁ ଉପଲବ୍ଧ ହେବ ।

*ଜେନେରାଲ ମ୍ୟାନେଜର, ଦକ୍ଷିଣପଥ ରେଳବାଇ ବନାମ ରଙ୍ଗାଚାରୀ*, [1962] 2 SCR ପୃଷ୍ଠା. 586 ରେ, ସାମ୍ବିଧାନିକ ଖଣ୍ଡପୀଠ ସଂଖ୍ୟାଗରିଷ୍ଠତା ଅନୁଯାୟୀ କହିଥିଲେ ଯେ ନିଯୁକ୍ତି ସମ୍ବନ୍ଧୀୟ ବିଷୟଗୁଡ଼ିକ କେବଳ ନିଯୁକ୍ତି କାର୍ଯ୍ୟ ପୂର୍ବରୁ ବିଷୟ ନୁହେଁ କିମ୍ବା କୌଣସି କାର୍ଯ୍ୟାଳୟରେ ନିଯୁକ୍ତି କେବଳ ପ୍ରାରମ୍ଭିକ ନିଯୁକ୍ତିକୁ ବୁଝାଇ ପାରିବ ନାହିଁ, ବରଂ ନିଯୁକ୍ତି ସମ୍ବନ୍ଧୀୟ ସମସ୍ତ ବିଷୟ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ ଯାହା ନିଯୁକ୍ତି ପୂର୍ବରୁ କିମ୍ବା ପରବର୍ତ୍ତୀ ହେଉ କିମ୍ବା ଏହାର ନିୟମ ଏବଂ ସର୍ତ୍ତାବଳୀର ଅଂଶବିଶେଷ ଏବଂ ଚୟନ ପଦବୀକୁ ପଦୋନ୍ନତି ମଧ୍ ଅନ୍ତର୍ଭୁକ୍ତ । *କେରଳ ରାଜ୍ୟ ବନାମ ଏନ୍.ଏମ୍. ଥୋମାସ୍ ଏବଂ ଅନ୍ୟମାନେ*, [1976] 1 SCR ପୃଷ୍ଠା. 906 ମାମଲାରେ ଏହି ନ୍ୟାୟାଳୟର 7 ଜଣ ନ୍ୟାୟମୂର୍ତ୍ତିଙ୍କ ଏକ ବିଚାରପୀଠ ଏହି ନୀତିକୁ ଦୋହରାଇଥିଲେ । *ଅଖିଳ ଭାରତୀୟ ଶୋଷିତ କର୍ମଚାରୀ ସଂଘ (ରେଳବାଇ)*

*ବନାମ ଭାରତ ସଂଘ ଏବଂ ଅନ୍ୟମାନେ*, [1981] 1 SCC 246 ରେ ସଂଖ୍ୟାଗରିଷ୍ଠତା ଅନୁଯାୟୀ ସମାନ ଅନୁସରଣ କରାଯାଇଥିଲା । ତେଣୁ ଏହି ନ୍ୟାୟାଳୟ ଦ୍ୱାରା ବ୍ୟାଖ୍ୟା କରାଯାଇଥିଲା ଯେ ନିଯୁକ୍ତିରେ ପଦୋନ୍ନତି ଅନ୍ତର୍ଭୁକ୍ତ ହେବ ।

ରାଜ୍ୟ ଅଧୀନରେ ଥିବା ସେବାରେ ଯଥେଷ୍ଟ ପ୍ରତିନିଧିତ୍ୱ ନିମନ୍ତେ ଅନୁସୂଚିତ ଜାତି ଏବଂ ଜନଜାତିଙ୍କୁ ସୁଯୋଗର ସମାନତାର ମୌଳିକ ଅଧିକାର ପ୍ରଦାନ କରିବା ପାଇଁ ଭାରତୀୟ ସମ୍ପ୍ରଦାୟର ଅନ୍ୟାନ୍ୟ ବର୍ଗ ଏବଂ ଅନ୍ୟମାନଙ୍କ ତୁଳନାରେ ଅନୁସୂଚିତ ଜାତି ଏବଂ ଜନଜାତିଙ୍କ ପାଇଁ ସଂରକ୍ଷଣକୁ ବର୍ଗୀକୃତ କରାଯାଇଛି । *ଇନ୍ଦ୍ର ସାହନି ଏବଂ ଅନ୍ୟମାନେ ବନାମ ଭାରତ ସଂଘ ଏବଂ ଅନ୍ୟମାନେ*, [1992] Supp. 3 SCR 217 ମାମଲାରେ, ନଅ ଜଣ ନ୍ୟାୟମୂର୍ତ୍ତିଙ୍କ ଏକ ବୃହତ୍ତର ଖଣ୍ଡପୀଠ, ଯେଉଁଥିରେ ଜଷ୍ଟିସ୍ ଏ.ଏମ୍. ଅହମଦୀ, ନ୍ୟାୟମୂର୍ତ୍ତି (ଯେପରି ସେ ସେତେବେଳେ ଥିଲେ) ଏହି ପ୍ରସଙ୍ଗରେ ଅଂଶଗ୍ରହଣ କରିନଥିଲେ କାରଣ ଏହା ସିଧାସଳଖ ନିଷ୍ପତ୍ତି ପାଇଁ ଉଠିନଥିଲା, କହିଥିଲେ ଯେ ଅନୁଚ୍ଛେଦ16 (4) ଅନୁଯାୟୀ ନିଯୁକ୍ତି କିମ୍ବା ପଦବୀର ସଂରକ୍ଷଣ କେବଳ ପ୍ରାରମ୍ଭିକ ନିଯୁକ୍ତି ପର୍ଯ୍ୟନ୍ତ ସୀମିତ ଏବଂ ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣ ପ୍ରଦାନ କରିପାରିବ ନାହିଁ । ତେବେ, ଏହି ନ୍ୟାୟାଳୟ ରାୟ ତାରିଖ, ଅର୍ଥାତ୍ ନଭେମ୍ବର 16, 1992 ପର୍ଯ୍ୟନ୍ତ କରାଯାଇଥିବା ପଦୋନ୍ନତିଗୁଡ଼ିକୁ କାଏମ ରଖିଥିଲେ ଏବଂ ରାୟ ଦେଇଥିଲେ ଯେ ଯେଉଁଠାରେ ସ୍ୱତନ୍ତ୍ର ନିୟମାବଳୀ ପଦୋନ୍ନତି ଦ୍ୱାରା ନିଯୁକ୍ତିରେ ସଂରକ୍ଷଣ ପ୍ରଦାନ କରିନାହିଁ, ସେହି ତାରିଖରୁ 5 ବର୍ଷ ମଧ୍ୟରେ ଏହା କରିବାକୁ ଅନୁମତି ଦିଆଯାଇଛି । ସଂସଦ 77ତମ ସମ୍ବିଧାନ (ସଂଶୋଧନ ଅଧିନିୟମ) 1995 ଦ୍ୱାରା ଅନୁଚ୍ଛେଦ 16 ସଂଶୋଧନ କରିଥିଲା, ଯାହା 17 ଜୁନ୍ 1995 ରୁ କାର୍ଯ୍ୟକାରୀ ହୋଇଥିଲା ଏବଂ ଧାରା 16 ରେ ଧାରା 4A ଅନ୍ତର୍ଭୁକ୍ତ କରିଥିଲା, ଯାହା ଏହିପରି ଲେଖାଯାଇଛି:

> "ଏହି ଅନୁଚ୍ଛେଦରେ ଥିବା କୌଣସି ବିଷୟ ରାଜ୍ୟକୁ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ ସପକ୍ଷରେ ରାଜ୍ୟ ଅଧୀନରେ ଥିବା ସେବାରେ କୌଣସି ବର୍ଗ କିମ୍ବା ଶ୍ରେଣୀର ପଦବୀରେ ପଦୋନ୍ନତି ପ୍ରସଙ୍ଗରେ ସଂରକ୍ଷଣ ପାଇଁ କୌଣସି ବ୍ୟବସ୍ଥା କରିବାରେ ବାଧା ଦେବ ନାହିଁ, ଯାହା ରାଜ୍ୟମାନଙ୍କ ମତରେ, ରାଜ୍ୟ ଅଧୀନରେ ଥିବା ସେବାରେ ପର୍ଯ୍ୟାପ୍ତ ପ୍ରତିନିଧିତ୍ୱ କରୁନାହିଁ ।"

ସଂସଦ ସମ୍ବିଧାନ ସଂଶୋଧନ କରି ଏବଂ ଧାରା 16 (4A) ପ୍ରବର୍ତ୍ତନ କରି *ଇନ୍ଦ୍ର ସାହନିଙ୍କ* ମାମଲାରେ ଏହି ନ୍ୟାୟାଳୟ ଦ୍ୱାରା ବ୍ୟାଖ୍ୟା କରାଯାଇଥିବା ଆଧାରକୁ ହଟାଇ ଦେଇଛି ଯେ ନିଯୁକ୍ତିରେ ପଦୋନ୍ନତି ଅନ୍ତର୍ଭୁକ୍ତ ନୁହେଁ, ସ୍ପଷ୍ଟ ବ୍ୟବସ୍ଥା କରି ଯେ ଯେତେବେଳେ ରାଜ୍ୟ ଏକ ମତ ରଖେ ଯେ ଅନୁସୂଚିତ ଜାତି କିମ୍ବା ଜନଜାତିର ସଦସ୍ୟମାନେ କୌଣସି ସେବାରେ କିମ୍ବା ରାଜ୍ୟ ଅଧୀନରେ ଥିବା କୌଣସି ବର୍ଗ କିମ୍ବା ବର୍ଗମାନଙ୍କରେ ପର୍ଯ୍ୟାପ୍ତ ପ୍ରତିନିଧିତ୍ୱ କରୁନାହାଁନ୍ତି, ରାଜ୍ୟ ପଦୋନ୍ନତି ଦ୍ୱାରା ସଂରକ୍ଷଣ ପାଇଁ ବ୍ୟବସ୍ଥା

କରିବାକୁ କ୍ଷମତାପ୍ରାପ୍ତ । ଅନୁଚ୍ଛେଦ 16 (1) ରାଜ୍ୟକୁ ଏପରି ବ୍ୟବସ୍ଥା କରିବାକୁ ବାରଣ କରେ ନାହିଁ । *ଇନ୍ଦ୍ର ସାହନୀଙ୍କ* ମାମଲାରେ ମଧ୍ୟ, ଏହି ନ୍ୟାୟାଳୟ ଦୋହରାଇଥିଲେ ଯେ ଅନୁଚ୍ଛେଦ 16 (1) ଅନୁଯାୟୀ ସମାନତାର ଅଧିକାର ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ ପାଇଁ ସମାନ ଭାବରେ ପ୍ରଯୁଜ୍ୟ ଏବଂ ଅନୁଚ୍ଛେଦ 16 (4) ଏକ ବ୍ୟତିକ୍ରମ ନୁହେଁ । ସଂରକ୍ଷଣ, ଅନୁଚ୍ଛେଦ 16 (1) ଅନୁଯାୟୀ ସମାନତାର ଯୋଜନାର ଅଂଶବିଶେଷ ଅଟେ । ଅନୁଚ୍ଛେଦ 16(4A) ଏହା ପ୍ରମାଣିତ କରିବ ଯେ *ରଙ୍ଗଚାରୀ, ଥୋମାସ୍ ଏବଂ କରମଚାରୀ ସଙ୍ଘଙ୍କ* ମାମଲାରେ ଦିଆଯାଇଥିବା ବ୍ୟାଖ୍ୟା ସଂସଦୀୟ ଅନୁମୋଦନ ଲାଭ କରିଥିଲା । ତେଣୁ ଏହା ସ୍ପଷ୍ଟ ହେବ ଯେ ଆଇନର ଏକ ନୀତି ଭାବେ, ସଂରକ୍ଷଣର ନିୟମ କେବଳ ପ୍ରାରମ୍ଭିକ ନିଯୁକ୍ତି କ୍ଷେତ୍ରରେ ଲାଗୁ ହୋଇପାରିବ ନାହିଁ, ବରଂ ପଦୋନ୍ନତି କ୍ଷେତ୍ରରେ ମଧ୍ୟ ଲାଗୁ ହୋଇପାରିବ, ଯେଉଁଠି ରାଜ୍ୟର ମତ ହେଉଛି ଯେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କୁ ରାଜ୍ୟ ଅଧୀନରେ ଥିବା ସେବା ଶ୍ରେଣୀ କିମ୍ବା ଶ୍ରେଣୀମାନଙ୍କରେ ପଦୋନ୍ନତି ପଦବୀରେ ପର୍ଯ୍ୟାପ୍ତ ପ୍ରତିନିଧିତ୍ୱ ମିଳୁନାହିଁ । ଏହା ଦେଖାଯାଏ ଯେ ସାଧାରଣ ନିୟମଆବଳୀର ନିୟମ 22 ସିଧାସଳଖ ନିଯୁକ୍ତି ଦ୍ୱାରା ନିଯୁକ୍ତି ପାଇଁ ସଂରକ୍ଷଣ ପ୍ରଦାନ କରେ । ସାମ୍ବିଧାନିକ ମାନଦଣ୍ଡ ଏବଂ ଏହି ନ୍ୟାୟାଳୟ ଦ୍ୱାରା ଆଇନର ବ୍ୟାଖ୍ୟା ଦ୍ୱାରା, ଅନୁଚ୍ଛେଦ 16(1), 16(4A) ଅନୁଯାୟୀ ସଂରକ୍ଷଣରେ ପଦୋନ୍ନତି କ୍ଷେତ୍ରରେ ମଧ୍ୟ ସଂରକ୍ଷଣ ଅନ୍ତର୍ଭୁକ୍ତ ହେବ ।

ଉପରୋକ୍ତ ଦୃଷ୍ଟିରୁ, ନ୍ୟାୟାଧିକରଣ ଦ୍ୱାରା ନିଆଯାଇଥିବା ଆଭିମୁଖ୍ୟ ଯେ ନିୟମ 22 କେବଳ ପ୍ରତ୍ୟକ୍ଷ ନିଯୁକ୍ତି ପାଇଁ ପ୍ରଯୁଜ୍ୟ ହେବ ଏବଂ ପଦୋନ୍ନତି ଦ୍ୱାରା ନିଯୁକ୍ତି ପାଇଁ ନୁହେଁ, ତାହା ବେଆଇନ ।

ସେହି ଅନୁଯାୟୀ ଅପିଲକୁ ଅନୁମତି ଦିଆଯାଇଛି, କିନ୍ତୁ ଏହି ପରିସ୍ଥିତିରେ, ବିନା ଖର୍ଚ୍ଚରେ ।

ଜି.ଏନ୍. ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।